**ସାପ କାମୁଡ଼ାରେ ଛାତ୍ରୀଙ୍କ ମୃତ୍ୟୁ**

**ଜଳେଶ୍ୱର, (ଡି.ଏନ୍.ଏ.):** ଜଳେଶ୍ୱର-ପଶ୍ଚିମବାର୍ଡ ରାସ୍ତାରୁ ଖୁଲୁଡା ଯାଉଥିବା ବ୍ରଜମୋହନ ମିର୍ଦ୍ଧାଙ୍କ ୧୧ ବର୍ଷର ଝିଅ ତପସ୍ୱିନୀ ଟ୍ୟୁଶନରୁ ଫେରୁଥିବା ବେଳେ ସାପ କାମୁଡାରେ ପ୍ରାଣ ହରାଇଛନ୍ତି। ତାଙ୍କୁ ଜଳେଶ୍ୱର ଜିକେଭଟର ହସ୍‌ପିଟାଲକୁ ଅଣାଯାଇ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ପଠାଯାଇଥିଲା । ରାତିରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ତପସ୍ୱିନୀ ଗୌର ବେଲଦା ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀର ଛାତ୍ରୀ ଥିଲେ।

## ସଂକ୍ଷେପରେ

### ତଣ୍ଟି ଚିପି ହତ୍ୟା କରିଥିଲେ ସ୍ୱାମୀ

**ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା**

ବାଙ୍ଗିରିପୋଷି,୧୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ମଣଦା ଗ୍ରାମର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ରହସ୍ୟ ଉନ୍ମୋଚନ ହୋଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁର କାରଣ ଜଣାପଡ଼ିବା ପରେ ପୋଲିସ ମୃତ ମହିଳା ରଚନା ସିଂଙ୍କ ସ୍ୱାମୀ ଶିବ ସିଂଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପରକିୟା ପ୍ରୀତି ପାଇଁ ସେ ତଣ୍ଟି ଚିପି ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଗତ ଡିସେମ୍ବର ମାସରେ ରଚନାଙ୍କ ଝୁଲନ୍ତା ମୃତଦେହକୁ ତାଙ୍କ ଘର ଭିତରୁ ପୋଲିସ ଜବତ କରିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜାଣିବାକୁ ମିଳିଲା ଯେ, ରଚନାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଛି। ତେଣୁ ପୋଲିସ ପୂର୍ବ ମାମଲାକୁ ହତ୍ୟା ମାମଲାରେ ରୂପାନ୍ତର କରିଥିଲା। ଥାନା ଅଧିକାରୀ ସଞ୍ଜୟ କୁମାର ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ରାଉଲକେଲାରୁ ଶିବଙ୍କୁ ଗିରଫ କରିଥିଲେ। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଢେଙ୍କାରେ ବଢୁଛି ଜୁଆ

**ହାଟଡିହୀ,୧୪(ଡି.ଏନ.ଏ.):** କେନ୍ଦୁଝର ଜିଲା ସୋସୋ ଥାନା ଅଧୀନ ଢେଙ୍କା ବଜାର ଏବଂ ଏହାର ଆଖପାଖ ଅଞ୍ଚଳରେ ଜୁଆ ଖେଳର ଆସର ଜମିବାରେ ଲାଗିଛି। ଜୁଆଖେଳକୁ ନିଷିଦ୍ଧ କରାଯାଇଥିବା ବେଳେ କାହା ନିର୍ଦ୍ଦେଶରେ ଏଭଳି କାର୍ଯ୍ୟ ଚାଲିଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରତ୍ୟେହ ରାତି ୧୦ଟାରୁ ଜୁଆ ଖେଳ ଆରମ୍ଭ ହୋଇ ରାତି ପହିଲା ପର୍ଯ୍ୟନ୍ତ ଚାଲିଛି। ସ୍ଥାନୀୟ ପୋଲିସର ନିଷ୍କ୍ରିୟତା ଏବଂ ରାତ୍ରକାଳୀନ ପାଟ୍ରୋଲିଂ ଅଭାବରୁ ଏହି ବେଆଇନ କାର୍ଯ୍ୟ ଚାଲିଥିବା କୁହାଯାଉଛି। ବହୁ ଗରିବ ଲୋକ ଜୁଆ ଖେଳ ନିଶାରେ ହଜାର ହଜାର ଟଙ୍କା ବାଜି ଲଗାଇ ସର୍ବସ୍ୱାନ୍ତ ହେଉଥିବା ଦେଖିବାକୁ ମିଳୁଛି। ଏପରିକି ବହୁ ପରିବାରରେ ଅଶାନ୍ତି ମଧ୍ୟ ସୃଷ୍ଟି ହେଉଛି। ଢେଙ୍କା ବଜାର, ହାଣ୍ଡିଆ ହାଟ, ବଡ଼ ଢେଙ୍କାର ଜମିଦାର ପୋଖରୀ ନିକଟ ଚାଷ ଜମି, କୁଟବଣ, ଢେଙ୍କା ନୂଆ କେନାଲ ନିକଟ ଚାଷ ଜମି ପ୍ରଭୃତି ସ୍ଥାନରେ ଜୁଆ ଖେଳ ହେଉଛି। ସ୍ଥାନୀୟ ଅଞ୍ଚଳରେ ଏପରି ଜୁଆ ଖେଳକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୋଲିସ ଜୁଆ ଖେଳ ବନ୍ଦ କରିବାକୁ ଦାବି ହେଉଛି। ସୋସୋ ଥାନା ଅଧିକାରୀ ଉପେନ୍ଦ୍ର ନାଥ ଦାସଙ୍କୁ ପଚାରିବାରୁ ଏ ଦିଗରେ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଚନ୍ଦନେଶ୍ୱର ମହାଦେବଙ୍କ ଚୈତ୍ର ଚଡ଼କପର୍ବ

**ଭୋଗରାଇ, ୧୪(ଡି.ଏନ.ଏ.)**

ଦେଶରେ କୋଭିଡ୍ କଟକଣା ହଟିଛି। ଏଭଳି ସ୍ଥିତିରେ ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାଲେଶ୍ୱର ଜିଲାର ଭୋଗରାଇ ବ୍ଲକର ଅଧୀନ ହୁଗୁଳି ଗ୍ରାମର ଜଳଯନ୍ତ୍ର ଦେବତା ଶ୍ରୀ ଚନ୍ଦନେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ଚୈତ୍ର ଚଡ଼କ ପର୍ବ ଶୁକ୍ରବାର ପୋଡ଼ା ବାଉଁଶ ଛେଦନରୁ ଆରମ୍ଭ ହୋଇଛି। ଶନିବାର ପ୍ରତ୍ୟୁଷରୁ ଜୀଉଙ୍କ ଚିରାଚରିତ ଧର୍ମୀୟ ପରମ୍ପରା ଅନୁଯାୟୀ ଘଟ ଉତ୍ତୋଳନ ନିମନ୍ତେ ସେବାୟତ ଓ ଭକ୍ତଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଚନ୍ଦନେଶ୍ୱର ମହାଦେବଙ୍କ ଶ୍ରେଷ୍ଠ ଭକ୍ତ ପାଟଭକ୍ତ ବ୍ରତଧାରଣ କଲା ପରେ ପର୍ଯ୍ୟାୟକ୍ରମେ ଅନ୍ୟ ପ୍ରମୁଖ ଦେଉଳିଆ, ଶ୍ରୀବେକିଡ଼ି ସମେତ ୧୩ଜଣ ଭକ୍ତ ଉପବୀତ ଧାରଣ କରି ନୀଳକଣ୍ଠଙ୍କୁ ଆରାଧନା କରିବେ। ଚଳିତବର୍ଷ କୋଭିଡ୍ କଟକଣା ଯୋଗୁ



ଚନ୍ଦନେଶ୍ୱର ମନ୍ଦିରରେ ଭକ୍ତଙ୍କ ଭିଡ଼।

ମନ୍ଦିର ଟ୍ରଷ୍ଟବୋର୍ଡ଼ ଓ ଜିଲା ପ୍ରଶାସନ ଗତ ୨୧।୩।୨୨ରେ ମେଳା ବନ୍ଦ ପାଇଁ ଘୋଷଣା କରିଥିବା ବେଳେ ଲକ୍ଷାଧିକ ଉପବୀତଧାରୀ ଭକ୍ତଙ୍କୁ ବ୍ରତ ପାଳନ ନିମନ୍ତେ ଅଙ୍କୁଶ ଲଗାଇଛନ୍ତି। ୧୩ ଉପବୀତଧାରୀ ପ୍ରମୁଖ ଶୈବଭକ୍ତମାନେ ୧୩ଦିନ ଧରି ୨୪ଘଣ୍ଟାରେ ଛେପ ନ ଢ଼ୋକି ଜୀଉଙ୍କ ଅର୍ଘ୍ୟ ପିଣ୍ଡରେ ସନ୍ଧ୍ୟା ପରେ ଅର୍ଘ୍ୟଦାନ କରିବେ। ଏହି ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ରୋକିବାକୁ ଟ୍ରଷ୍ଟବୋର୍ଡ଼ ଓ ପ୍ରଶାସନ ମେଳାକୁ ନା କହିଥିବା ବେଳେ ଜୀଉଙ୍କ

### ୧୨ରେ ମହାନୀଳ, ୧୩ରେ ପାଟ ଉତ୍ସବ

କାମିନୀ ବିବାହ, ଦୈନିକ ନୀତିକାନ୍ତି ପୂଜା, ମହାନୀଳ ଓ ପ୍ରସିଦ୍ଧ ପାଟ ଉତ୍ସବର କୌଳିକ ପ୍ରଥା ଅନୁଯାୟୀ ହେବ ବୋଲି ଘୋଷଣା କରାଯାଇଛି। ତେବେ ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ଭିଡ଼କୁ କିପରି ନିୟନ୍ତ୍ରଣ କରାଯିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟରେ କୋଭିଡ୍ କଟକଣା ହଟିବା ପରେ ମହାଦେବଙ୍କଠାରେ ଦୈନନ୍ଦିନ ସହସ୍ରାଧିକ ଶୈବଭକ୍ତମାନେ ଦର୍ଶନ, ପୂଜାର୍ଚ୍ଚନା ଓ ଆରାଧନା କରୁଛନ୍ତି। ଚୈତ୍ର ମାସରେ ଚନ୍ଦନେଶ୍ୱର ମହାଦେବଙ୍କ ବିବାହ ଋତୁ ହୋଇଥିବାରୁ ରାଜ୍ୟ ଏବଂ ରାଜ୍ୟ ବାହାରୁ ବହୁ ଶୈବଭକ୍ତ ମନସ୍କାମନା ନିମନ୍ତେ ଜୀଉଙ୍କଠାରେ ଅଧିଆ ପଡ଼ିଛନ୍ତି।

# ପଳସା ସ୍ୱାସ୍ଥ୍ୟଉପକେନ୍ଦ୍ର କାୟାକଳ୍ପ ବିଜେତା



ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

**ଖଇରା, ୧୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ପଳସା ସ୍ୱାସ୍ଥ୍ୟ ଉପକେନ୍ଦ୍ର କାୟାକଳ୍ପ ବିଜେତା ହେବା ସହ କୁରୁଣ୍ଟା ଓ ଡଗରପଡା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ତୁଡିଗଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସାନ୍ତ୍ୱନାମୂଳକ ପୁରସ୍କାର ହକ୍‌ଦାର ହେବା ନେଇ ଚିଠି ପହଞ୍ଚିବା ପରେ ଖଇରା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବାଲେଶ୍ୱର ଜିଲାରେ ଖଇରା ବ୍ଲକର ୪ଟି କେନ୍ଦ୍ରକୁ ଏହି ସଫଳତା ମିଳିଥିବାରୁ ଏହି କେନ୍ଦ୍ରଗୁଡିକରେ କାର୍ଯ୍ୟରତ ଡାକ୍ତର, ଫାର୍ମାସିଷ୍ଟ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ ପରିଦର୍ଶକାଙ୍କ ମନୋବଳ ବୃଦ୍ଧି କରିଛି। ୩ମାସ ଧରି ରାଜ୍ୟ ଓ ଜିଲାରୁ

### ଡାକ୍ତର, କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠା ପାଇଁ ମିଳିଲା ସଫଳତା

ସରକାରୀ ସ୍ତରରେ ଗଠିତ ବିଭିନ୍ନ ଟିମ କାୟାକଳ୍ପ ନିର୍ଦ୍ଦେଶାନାମା ଆଧାରରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକର ମୂଲ୍ୟାୟନ କରିଥିଲେ। ୩୦ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପତ୍ର ସଂଖ୍ୟା ୪୮୯୦ରେ ଖଇରା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ଚିଠିରେ ପଳସାକୁ ବିଜେତା ଭାବେ ଘୋଷଣା କରାଯାଇଥିବା ବେଳେ ଅନ୍ୟ ୩ଟି କେନ୍ଦ୍ର ମଧ୍ୟ ପୁରସ୍କୃତ ହେବାର ସୌଭାଗ୍ୟ ଅର୍ଜନ କରିଛି। ତଦନୁଯାୟୀ ପଳସା ଉପକେନ୍ଦ୍ରକୁ ୧ଲକ୍ଷ, ତୁଡିଗଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫୦ହଜାର, କୁରୁଣ୍ଟା ଏବଂ ଡଗରପଡା ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ୨୫ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ଘୋଷଣା କରାଯାଇଛି । ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାକର ମିଶ୍ରଙ୍କ ପ୍ରଚେଷ୍ଟା ଓ ପରିଚାଳନା ଯୋଗୁ ବାଲେଶ୍ୱର ଜିଲାରେ ଖଇରା ବ୍ଲକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିବା ନେଇ ଆସୁଥିବା ରୋଗୀ କଲ୍ୟାଣ ସମିତି, ଗାଁ କଲ୍ୟାଣ ସମିତି, କାର୍ଯ୍ୟରତ କର୍ମଚାରୀମାନେ କହିଛନ୍ତି । ଏ ସମ୍ପର୍କରେ ଡା. ମିଶ୍ରଙ୍କ ପ୍ରତିକ୍ରିୟା ନେବାରେ ଚଳିତବର୍ଷ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ରଗୁଡିକ କାୟାକଳ୍ପ ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିଛି ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଭାଗ ନେଇପାରି ନ ଥିଲା। ଆସନ୍ତାବର୍ଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାଗ ନେବ ଏବଂ ନିଶ୍ଚିତ ପୁରସ୍କୃତ ହେବ ବୋଲି କହିଛନ୍ତି । ଏଭଳି ସଫଳତା ପାଇଁ ସେ ଡାକ୍ତର, ନର୍ସ ଓ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠାକୁ ଶ୍ରେୟ ଦେବା ସହ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସହଯୋଗକୁ ମଧ୍ୟ ପ୍ରଶଂସା କରିଛନ୍ତି ।

### ମାରୱାଡ଼ି ମହିଳା ସମିତିର ଅଧିଷ୍ଠାନ ଉତ୍ସବ

**ବାଲେଶ୍ୱର ଅଫିସ, ୧୪**

ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନର ବାଲେଶ୍ୱର ଶାଖା 'ମାରୱାଡ଼ି ମହିଳା ସମିତି'ର ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ ସଙ୍ଗଠନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ନିଶା ମୋଦି ସଭାପତିତ୍ୱ କରିବା ସହ ସଙ୍ଗଠନର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଭାବେ ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନର ନିର୍ବାଚିତ ରାଷ୍ଟ୍ରୀୟ ଅଧ୍ୟକ୍ଷା ଅଞ୍ଜୁ ସରାୱଗୀ ଯୋଗଦେଇ ବାଲେଶ୍ୱର ମହିଳା ସମିତିର ଗଠନ ମୂଳକ କାର୍ଯ୍ୟଧାରାକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ ସମିତି ସଭାପତି ଭାବେ ନିର୍ବାଚିତ ହୋଇଥିବା ପ୍ରିୟା ଅଗ୍ରୱାଲଙ୍କ ସମେତ ତାଙ୍କର ସମ୍ପୂର୍ଣ୍ଣ ଟିମ୍‌କୁ ଶପଥ ପାଠ କରାଇଥିଲେ। ଏଥିସହିତ ସର୍ବଶ୍ରେଷ୍ଠ ଶାଖା ପୁରସ୍କାର ପ୍ରଦାନ, ହୋଲି ଉତ୍ସବ ପାଳନ ଓ ସଙ୍ଗଠନର ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ପାଦିକା ପ୍ରୀତି ଖଣ୍ଡେଲୱାଲ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷା ସୋନାଲ ମୋଦି ବାର୍ଷିକ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ଉପସଭାପତି ମନୀଷା ମୋଦି ମଞ୍ଚ ପରିଚାଳନା ଓ ଯୁଗ୍ମ ସମ୍ପାଦିକା ପୂଜା ଖଣ୍ଡେଲୱାଲ ଓ ମେଘା ଖଣ୍ଡେଲୱାଲ ସହଯୋଗ କରିଥିଲେ।

# ଓଡ଼ିଶା ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ

**ଖଇରା, ୧୪(ଡି.ଏନ.ଏ.)**

ଖଇରା ଖଇରା ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ବାଲେଶ୍ୱର ଜିଲାର ଖଇରାଠାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ଏଥିରେ ଅନ୍ତର୍ଯ୍ୟାମୀ ପାତ୍ର ସଭାପତିତ୍ୱ କରିଥିଲେ। ସମ୍ପାଦକ ମୁକ୍ତିକାନ୍ତ ଶତପଥି, ଡ. ଅଜୟ କୁମାର ନାୟକ, ଉମେଶ ଚନ୍ଦ୍ର ନାୟକ, ବୁଦ୍ଧିରାମ ପାଣିଗ୍ରାହୀ, ମାୟାଧର ନାୟକ, ସନ୍ତୋଷ ଶତପଥି, କୃଷ୍ଣଚନ୍ଦ୍ର ପତ୍ରୀ, ଜଗଦାନନ୍ଦ ମହାପାତ୍ର, ରଘୁନାଥ ପତ୍ରୀ, ଅନାମ ଚରଣ ପଣ୍ଡା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶାର ପଡୋଶୀ ରାଜ୍ୟଗୁଡିକରେ ଓଡିଶାର ଆଜି ବହୁ ଅଞ୍ଚଳ ରହି ନିଜର ପରିଚୟ ଖୋଜୁଛି। ଓଡିଶାର ଭାଷା ସଭ୍ୟତା ଓ ସଂସ୍କୃତିକୁ ବିଶ୍ୱରେ ପରିଚିତ କରିବାକୁ ସମସ୍ତେ ଶପଥ ନେବା ଦରକାର ବୋଲି ବକ୍ତାମାନେ ପ୍ରକାଶ କରିଥିଲେ।

**ବାଲିଆପାଳ,(ସ୍ୱ.ପ୍ର.):** ବାଲିଆପାଳର ସାରସ୍ୱତ ସାହିତ୍ୟ ଅନୁଷ୍ଠାନ ସୃଜନିକା ପକ୍ଷରୁ ଅଧାପକ ସୁକାନ୍ତ ଗିରିଙ୍କ ନେତୃତ୍ୱରେ ପ୍ରଭାତ ଫେରି ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ଅଜୟ ସାହୁ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ତହସିଲଦାର ଦୀପକ କୁମାର ଦାଶ ଶୁଭାରମ୍ଭ କରିଥିଲେ। ଢ଼ାକବାଜି ଯନ୍ତ୍ରରେ ବନ୍ଦେ ଉତ୍କଳଜନନୀ ସଙ୍ଗୀତର ଧ୍ୱନି ସହିତ ପଦଯାତ୍ରା ବାଲିଆପାଳ ବସ୍‌ଷ୍ଟାଣ୍ଡରୁ ବାହାରି ବ୍ଲକ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ପ୍ରତି ଛକରେ ପଥପ୍ରାନ୍ତ ସଭା ହୋଇଥିଲା।

**ସୋର, (ଡି.ଏନ୍.ଏ.):** ସୋର ଅବସରପ୍ରାପ୍ତ କର୍ମଚାରୀ ବିଶ୍ରାମ ଗୃହ ପରିସରରେ ଉତ୍କଳ ସମ୍ମିଳନୀ ସୋର ଶାଖା ପକ୍ଷରୁ ଓଡ଼ିଶା ଦିବସ ପ୍ରାକ୍ତନ ଅଧକ୍ଷ ବିଜୟ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୁଗଶ୍ରୀ ଯୁଗନାରୀ ସମ୍ପାଦିକା ମମତା ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଓଡ଼ିଆ ସାହିତ୍ୟ ଏକାଡେମୀ ସଦସ୍ୟ ତଥା ପ୍ରାକ୍ତନ ପ୍ରାଧ୍ୟାପକ ଶିରିଶ କୁମାର ଜେନା, ବରେଣ୍ୟ ଅତିଥି ଭାବେ ପ୍ରାକ୍ତନ ବିଧାୟକ ସୁରେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ନିରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

**ଲଙ୍ଗଳେଶ୍ୱର,(ଡି.ଏନ.ଏ.):** ବାଲେଶ୍ୱର ଜିଲା ସିଂଲା ଥାନା ପାଉଁଶକୁଲି ସ୍ଥିତ ରାଧାନାଥ ହାଇସ୍କୁଲ ପରିସରରେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଓଡ଼ିଶା ଦିବସ ସମାରୋହ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଇନ୍ଦୁମାଧବ ମହାନ୍ତି, ସମ୍ପାଦକ ରମେଶ ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ରବିନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ବସ୍ତା, (ଡି.ଏନ.ଏ.):** ବସ୍ତା ପ୍ରେସ୍ କ୍ଲବରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରେସ କ୍ଲବ ସଭାପତି ରାମଚନ୍ଦ୍ର ଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ସାମାଜିକ କର୍ମୀ ସତ୍ୟନାରାୟଣ ଗୁପ୍ତା, ଡ. ପ୍ରଦୀପ କୁମାର ମିଶ୍ର, ବିରାହ ସିଂଦେଓ, ଶିଶିର କୁମାର ରଥ, ରବିନାରାୟଣ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଗନ ବିହାରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**ଜଳେଶ୍ୱର,(ଡି.ଏନ.ଏ.)**–ଜଳେଶ୍ୱର ଦୀନକୃଷ୍ଣ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଛମୌଜସ୍ଥିତ ସଦାଶିବ ନୋଡ଼ାଲ ବିଦ୍ୟା ନିକେତନରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଭାଗବତ ପରିଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସୋର ମହାବିଦ୍ୟାଳୟ ପ୍ରାଧ୍ୟାପକ ଅମ୍ବିରେଶ ଦିନ୍ଦା, ମୁଖ୍ୟବକ୍ତା ଭାବେ ଦୀନକୃଷ୍ଣ ମହାବିଦ୍ୟାଳୟ ଅଧ୍ୟାପକ ଡ. ମାନସ କୁମାର ଯୋଗଦେଇଥିଲେ।

# ବିଚ୍ଛିନ୍ନାଞ୍ଚଳରେ ଓଡ଼ିଶା ଦିବସ ପାଳନ




ସଭାରେ ଉପସ୍ଥିତ ଅତିଥିମାନେ।

**କେନ୍ଦୁଝର,୧୪(ସ୍ୱ.ପ୍ର.)**

ଉତ୍କଳ ସମ୍ମିଳନୀ ପଶ୍ଚିମ ସିଂହଭୂମ ଶାଖା ପକ୍ଷରୁ ଝାଡ଼ଖଣ୍ଡର ଚକ୍ରଧରପୁର ସ୍ଥିତ ଉତ୍କଳ ମଣି ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସମବେତ କଣ୍ଠରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଦକ୍ଷିଣ ପୂର୍ବ ରେଳବାଇ ଚକ୍ରଧରପୁର ଡିଭିଜନର ମୁଖ୍ୟ ଚିକିତ୍ସା ଅଧିକାରୀ ସୁବ୍ରତ କୁମାର ମିଶ୍ର ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ପ୍ରାଚୀନତା ଓ ଶାସ୍ତ୍ରୀୟ ମାନ୍ୟତା ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଓଡ଼ିଆ ଭାଷା ବିକାଶ ପରିଷଦ ଝାଡ଼ଖଣ୍ଡର ସଭାପତି ଡ. ନାଗେଶ୍ୱର ପ୍ରଧାନ ଯୋଗଦେଇ ପ୍ରତି ଗ୍ରାମରେ ଓଡ଼ିଆ ବିଦ୍ୟାଳୟରେ ଓଡ଼ିଆ ଶିକ୍ଷକ ନିଯୁକ୍ତି କରାଇବା ପାଇଁ ଝାଡ଼ଖଣ୍ଡ ସରକାରଙ୍କୁ ଦାବି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଆସୋସିଏସନ ଦକ୍ଷିଣ ପୂର୍ବ ରେଳବାଇର ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ଦାଶ, ଉତ୍କଳ ସମ୍ମିଳନୀ ପଶ୍ଚିମ ସିଂହଭୂମ ଶାଖାର ସଭାପତି ସରୋଜ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଉପସଭାପତି କେଦାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳସମ୍ମିଳନୀ ପଶ୍ଚିମ ସିଂହଭୂମର ଉପସଭାପତି ଅମ୍ବିକା ଚରଣ ଦିକ୍ଷୀତ, ସାଧାରଣ ସମ୍ପାଦକ ପୂର୍ଣ୍ଣେନ୍ଦୁ କୁମାର ନନ୍ଦ, ପ୍ରଧାନ ଶିକ୍ଷକ ସୁଶାନ୍ତ ମହାନ୍ତି, ଓଡ଼ିଆ ସମାଜସେବୀ ବିନୀତ କୁମାରମ୍, ସୁରେଶ ପ୍ରଧାନ, ରାକେଶ ପ୍ରଧାନ, ଶ୍ରୀବସ୍ତ ପ୍ରଧାନ,କମଳ ମହାକୁଡ଼, ବିଦ୍ୟାବତୀ ଗିରି,ବାସନ୍ତୀ ମହାନ୍ତୋ, ଅନିତା ପଥାଳ, ଇନ୍ଦ୍ରଜିତ ପ୍ରଧାନ, ମନୋଜ ପ୍ରଧାନ, ନିରାକାର ପ୍ରଧାନ, ସୁଭଦ୍ରା ମିସ୍ତ୍ରୀ, କୁନି ବାରିକ, ଗାୟତ୍ରୀ ପ୍ରଧାନ ପ୍ରମୁଖ ଶତାଧିକ ଓଡ଼ିଆ ପ୍ରେମୀ ଉପସ୍ଥିତ ଥିଲେ।

# ଭଦ୍ରକ କଲେଜରେ ନୂତନ ଅଧ୍ୟକ୍ଷ

**ଭଦ୍ରକ ଅଫିସ,୧୪:** ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଡ. ସୁବୋଧ ଚନ୍ଦ୍ର ମିଶ୍ର ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଗୁରୁବାର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ. ଉମାକାନ୍ତ ସାମଲଙ୍କର କାର୍ଯ୍ୟକାଳ ଶେଷ ହୋଇଥିଲା। ପ୍ରଫେସର ସାମଲଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯିବା ସହ ଡ. ମିଶ୍ର ନୂତନ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ମହାବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ଓ ବିଦ୍ୟାର୍ଥୀଙ୍କ ବ୍ୟକ୍ତିତ୍ୱ ବିକାଶକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି।

# ଜିନ୍ଦଲ ସ୍କୁଲରେ ଓଡ଼ିଶା ଦିବସ ପାଳନ

**ଯୋଡ଼ା,୧୪(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅଧୀନ ସୋୟାବାଲିସ୍ଥିତ ଜିନ୍ଦଲ ସ୍କୁଲରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷ ତଥା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ମୁଖ୍ୟ ବ୍ରିଜ ବଧାଡ୍ରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍କଳର ମହାନତା ତଥା ଜାତିପ୍ରୀତି ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାରଦା ଖଣିର ନିର୍ଦ୍ଦେଶକ ଅର୍ଜୁନ ସାରସ୍ୱତ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାରଦା ଖଣିର ବରିଷ୍ଠ ଅଧିକାରୀ ଏଚ୍.ଏନ୍.ସିଂହ, ବି.ବି.ସାହୁ, ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟଗଣ, ସ୍ଥାନୀୟ ମହିଳା ସମିତିର ପ୍ରମୁଖ କର୍ମକର୍ତ୍ତା ତଥା ଅଭିଭାବକମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସଂଗୀତା ରାଣୀ ଦାସ ଓଡ଼ିଆ ଜାତିର ଗୌରବମୟ ଇତିହାସ ସମ୍ପର୍କରେ ଅବତାରଣା କରିଥିଲେ। ଶିକ୍ଷୟିତ୍ରୀ ମିନତୀ ଦାସ ସ୍ୱାଗତ ଭାଷଣ ପ୍ରଦାନ ଓ ଶିକ୍ଷକ ଡକ୍ଟର ଦିଲୀପ କୁମାର ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତବାସୀଙ୍କ ସୁରକ୍ଷା ଲାଗି ଜିଲାପାଳଙ୍କୁ ଚିଠି

**ଯୋଡ଼ା,୧୪(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ବିରିକଳା ପଞ୍ଚାୟତର ସରପଞ୍ଚ, ନାଏବ ସରପଞ୍ଚ ଏବଂ ସମିତି ସଭ୍ୟ ପଞ୍ଚାୟତର ଜନସାଧାରଣଙ୍କ ସୁବିଧା ଓ ସୁରକ୍ଷା ପାଇଁ ୫ ଦଫା ଦାବି ନେଇ ଜିଲାପାଳଙ୍କୁ ଚିଠି କରିଥିବା ଜଣାପଡ଼ିଛି। ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଜାତୀୟ ରାଜପଥ ୫୨୦ ନିର୍ମାଣ କାର୍ଯ୍ୟ ଚାଲିଛି। ବିଲେଇପଦା ଆଡୁ ଆସୁଥିବା ସର୍ଭିସ ରୋଡ୍‌ଟି ଟାଟା ସ୍ପଞ୍ଜର ମୁଖ୍ୟ ଫାଟକ ଏବଂ ମେଟେରିଆଲ ଫାଟକ ସଂଯୋଗ କରୁ ନ ଥିବାରୁ କାଳିଆବେଡ଼ା ଓ ଲହଣ୍ଡାରେ ରହୁଥିବା ଶତାଧିକ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ଏହାକୁ ତୁରନ୍ତ ସଂଯୋଗ କରାଯାଉ ବୋଲି ଦର୍ଶାଯାଇଛି। ଜିନ୍ଦଲ ପିଲେଟ ପ୍ଲାଣ୍ଟ, ମୁର୍ଗା ମାଇନ୍ସ, କ୍ରାକରସ ଇଣ୍ଡିଆ, କାଟାମାଟି ଆଇରନ ମାଇନ୍ସରୁ ଖଣିଜ ପରିବହନ କରି ଦୈନିକ ଶହ ଶହ ଭାରିଯାନ ଜାତୀୟ ରାଜପଥ ୫୨୦ର ବିଲେଇପଦା-ମୁର୍ଗା ଛକ ଦେଇ ଯାତାୟାତ କରୁଛି। ତେଣୁ ଜନସାଧାରଣଙ୍କ ସୁରକ୍ଷା ପାଇଁ ଏହି ସ୍ଥାନରେ ଟ୍ରାଫିକ ଲାଇଟ ପୋଷ୍ଟ ସହ ଗୋଲେଇ ଛକ ନିର୍ମାଣ କରାଗଲେ ବାରମ୍ବାର ଦୁର୍ଘଟଣା ହ୍ରାସ ପାଇ ଧନ ଜୀବନ ରକ୍ଷା ହୋଇ ପାରିବ। ବିଲେଇପଦା ତାରିଣୀ ଛକଠାରୁ ବିରିକଳା, ଦଦୁଆଁ, ଇଙ୍ଗାଣି ଝରଣ,ଗୋବିନ୍ଦପୁର ଏବଂ ଟାଟା କଲୋନୀକୁ ଯିବାକୁ ଏକ ସୁରକ୍ଷିତ ଯାତାୟତ ପାଇଁ ଅଣ୍ଡରପାସ ନିର୍ମାଣ କରାଯିବା ସହ ଅପର ପାର୍ଶ୍ୱରୁ ଯାତାୟାତ ପାଇଁ ଏଯାବତ କୌଣସି ସୁବିଧା କରାଯାଇନାହିଁ। ଜାତୀୟ ରାଜପଥର ବିଭିନ୍ନ ଜାଗାରେ ସଂକେତ ଚିହ୍ନ ଏବଂ ଟ୍ରାଫିକ ପୋଷ୍ଟ ନିର୍ମାଣ କରାଯିବା, ବିଲେଇପଦା ଗ୍ରାମର ନାମକରଣ ଓଡ଼ିଆରେ ଭୁଲ ଭାବରେ ଲେଖା ଯାଇଥିବାରୁ ତାହାକୁ ତୁରନ୍ତ ସଂଶୋଧନ କରିବା ପ୍ରଭୃତି ଦାବି ନେଇ କେନ୍ଦୁଝର ଜିଲାପାଳଙ୍କୁ ଚିଠି ମାଧ୍ୟମରେ ନିବେଦନ କରାଯାଇଛି। ଉକ୍ତ ଚିଠିକୁ ଏନ୍‌ଏଚ୍‌ଆଇର ଯୋଜନା ନିର୍ଦ୍ଦେଶକ, କେନ୍ଦୁଝର ଆରକ୍ଷୀ ଅଧିକ୍ଷକ, ବଡ଼ବିଲ ତହସିଲଦାର, ଚମ୍ପୁଆ ଉପଖଣ୍ଡଡ ଉପ ଜିଲାପାଳଙ୍କୁ ଦିଆ ଯାଇଥିବା ଜଣାପଡିଛି ।

# ଶିକାରୀ ଗିରଫ

### ୨ ଗୁରାଣ୍ଡି, ଦେଶୀ ବନ୍ଧୁକ, ଯନ୍ତ୍ରାଂଶ ଜବତ

**ସଜନାଗଡ଼, ୧୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା କୁଲଡ଼ିହା ବନବିଭାଗ ପକ୍ଷରୁ ଜଣେ ଶିକାରୀ ଗିରଫ ହୋଇଥିବା ବେଳେ ତାଙ୍କ ନିକଟରୁ ୨ ଗୁରାଣ୍ଡି ଓ ଗୋଟିଏ ଦେଶୀ ବନ୍ଧୁକ ସହ ଯନ୍ତ୍ରାଂଶ ଜବତ କରାଯାଇଛି। କୁଲଡ଼ିହା ଅଭୟାରଣ୍ୟରେ ୨ ଜଙ୍ଗଲି ଗୁରାଣ୍ଡି ଶୀକାର ହୋଇଥିବା ରେଞ୍ଜର ଅନନ୍ତ କୁମାର ଜେନା ଖବର ପାଇଥିଲେ। ପରେ ସଦଳବଳେ ସିଆଡ଼ିମାଳ ପଞ୍ଚାୟତରେ ଚଢ଼ାଉ କରିଥିଲେ। ଉକ୍ତ ପଞ୍ଚାୟତର ଭୁଟାସିମିଳି ଗାଁର ମଧୁ ସିଂ(୨୫)ଙ୍କ ଘରୁ ମୃତ ୨ ଗୁରାଣ୍ଡି ଓ ମାଂସ ଜବତ କରାଯାଇଛି। ମଧୁ ସିଂଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ଏକ ଦେଶୀ ବନ୍ଧୁକ, ଟର୍ଚ୍ଚଲାଇଟ୍, ବ୍ଲକ ଗନ ପାଉଡ଼ର ୧୫ଗ୍ରାମ୍, ରେଡ୍ ଗନ ପାଉଡ଼ର ୫ ଗ୍ରାମ, ୨୩ ଗୁଳି ବନବିଭାଗ ଜବତ କରିଥିଲା। ଉକ୍ତ ଘଟଣାରେ ସେହି ପଞ୍ଚାୟତରେ ବଡ଼ନାଳ ଗାଁର ଟୁଙ୍ଗୁ ସିଂଙ୍କ ପୁଅ ଗୃହିଯା ସିଂ ଫେରାର ହୋଇଯାଇଛନ୍ତି। ଏନେଇ କୁଲଡ଼ିହା ବନବିଭାଗ ପକ୍ଷରୁ ଏକ ମାମଲା (ନଂ.୧ / ୨୨-୨୩) ରୁଜୁ କରି ଗିରଫ ବ୍ୟକ୍ତିଙ୍କୁ କୋର୍ଟଚାଲାଣ କରାଯାଇଛି।

# ପ୍ରତିଷ୍ଠା ଦିବସରେ ଶହୀଦ ପୋଲିସଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦୁଝର,୧୪ (ଡି.ଏନ୍.ଏ.)**

କେନ୍ଦୁଝର ରିଜର୍ଭ ପୋଲିସ ପଡ଼ିଆରେ ଶୁକ୍ରବାର ଓଡ଼ିଶା ପୋଲିସର ୮୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। କର୍ତ୍ତବ୍ୟ ସମ୍ପାଦନା ସମୟରେ ଶହୀଦ ହୋଇଥିବା ପୋଲିସ ଓ କର୍ମଚାରୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ସନ୍ଦେଶ ପଠନ କରିଥିଲେ। ସାମାଜିକ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ କେନ୍ଦୁଝର ପୋଲିସର ଦାୟିତ୍ୱବୋଧକୁ ନେଇ ସେ ସନ୍ତୋଷ ପ୍ରକାଶ କରିବା ସହ ନୀତି ଓ ଆଦର୍ଶ ମନୋଭାବ ନେଇ ସମସ୍ତ କର୍ମଚାରୀ କାର୍ଯ୍ୟ ସମ୍ପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ଡିଏସ୍‌ପି ସୁବ୍ରତ



କେନ୍ଦୁଝର ରିଜର୍ଭ ପୋଲିସ ପଡ଼ିଆରେ ଅନୁଷ୍ଠିତ ପରେଡ୍।

କୁମାରଙ୍କ ନେତୃତ୍ୱରେ ସମ୍ମିଳିତ ପରେଡ୍‌କୁ ସର୍ଜେଣ୍ଟ ରାକେଶ ସ୍ୱାଇଁ ପରିଚାଳନା କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଏଏସ୍‌ଆଇ ଭାବେ ଶିବପ୍ରସାଦ ଆଇଚ, ହାବିଲଦାର ପ୍ରବୀଣ କୁମାର ମହାନ୍ତ, ଓଆର୍ କନଷ୍ଟେବଳ ତୁଷାର କୁମାର କର, ଏପିଆର୍ କନଷ୍ଟେବଳ ବିରଞ୍ଚି ନାରାୟଣ ସାହୁ ଓ ଟ୍ରାଫିକ କନଷ୍ଟେବଳ ଭାବେ ମନୋରମା ସେଠୀଙ୍କୁ ସମ୍ମାନିତ କରାଯାଇଥିଲା। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିରଞ୍ଚି ପ୍ରସାଦ ଦେହୁରୀ, ସୁଦାମ ସାହୁ, ସୁରେଶ ନାୟକ, ସଦର ଏସ୍‌ଡିପିଓ ପ୍ରକାଶ ଜେମ୍ସ ଟପୋ, ଡିଏସ୍‌ପି କ୍ରାଇମ ଶରତ ପାତ୍ର, ଡିଏସ୍‌ପି ଡିଆଇବି ଇନ୍ଦୁରେଖା ପଶ୍ଚିମ କବାଟ, ଡିଏସ୍‌ପି ଏଚ୍‌ଆର୍‌ପିସି ପାସକାଲ ଏକ୍କା, ହୋମଗାର୍ଡ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କାଳୁଚରଣ ବେହେରା, ଡିଏସ୍‌ପି ହେଡକ୍ୱାର୍ଟର ଜୟଶ୍ରୀ ପ୍ରଧାନ, ଆଲିମା ଲାକ୍ରା, ରିଜର୍ଭ ଇନ୍ସପେକ୍ଟର ବିମଳ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବାଳିକା ହାଇସ୍କୁଲରେ ଓଡ଼ିଶା ଦିବସ

**ଭଦ୍ରକ ଅଫିସ, ୧୪:** ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଭଦ୍ରକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ଦିବସ ପାଳନ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ ବନଲତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ରାଜକିଶୋର ଚୌଧୁରୀ, ବିଜୟ ବେହେରା ଓ ଛାତ୍ରୀମାନେ ବକ୍ତବ୍ୟ ରଖିଥିଲେ। ଓଡ଼ିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶିକ୍ଷୟିତ୍ରୀ ସବିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# 'ମୁକୁଟବିହୀନ ସମ୍ରାଟ ଥିଲେ ମଧୁବାବୁ'

**ଧାମନଗର,୧୪**

ଭଦ୍ରକ ଜିଲା ଧାମନଗର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ଜନସୁବିଧା କେନ୍ଦ୍ରଠାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପୁରୁଷୋତ୍ତମ ଦାଶ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା ସଞ୍ଚାଳନା କରିଥିଲେ। ସହସମ୍ପାଦକ ରାମଚନ୍ଦ୍ର ସାହୁ, ଶିକ୍ଷାବିତ୍ ମହେଶ୍ୱର ସ୍ୱାଇଁ, ଅଭିମନ୍ୟୁ ମଲ୍ଲିକ, ପୂର୍ବତନ ଜିଲା ପରିଷଦ ସଭ୍ୟ ସୁରଥ ଚନ୍ଦ୍ର ସେଠୀ, କୋଷାଧ୍ୟକ୍ଷ ନିରାକାର ଧଳ, ପୀତବାସ ପାଣି ପ୍ରମୁଖ ଯୋଗଦେଇ କହିଥିଲେ, ଓଡ଼ିଶାକୁ ସ୍ୱତନ୍ତ୍ର ଭାଷାଭିତ୍ତିକ ପ୍ରଦେଶ ଗଠନ କରିବାରେ ମଧୁବାବୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ଓଡ଼ିଆ ଜାତିର ମୁକୁଟବିହୀନ ସମ୍ରାଟ ଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ଆସନ୍ତା ୧୭ ତାରିଖରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ ବୋଲି କୁହାଯାଇଛି। ଦଶରଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଉଦ୍ଧାର ହରିଣକୁ କୁଳଡ଼ିହାରେ ଛଡ଼ାଗଲା



ସିମୁଳିଆ,୧।୪(ଡି.ଏନ.ଏ.): ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଡ଼ା ପଞ୍ଚାୟତ ହଳିଷ ଅଞ୍ଚଳରୁ ଶୁକ୍ରବାର ବନବିଭାଗ ଏକ ହରିଣ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପରେ କୁଳଡ଼ିହା ଅଭୟାରଣ୍ୟରେ ଛାଡ଼ିଛି। ହରିଣଟି ସ୍ଥାନୀୟ ଅଞ୍ଚଳର ରମା ସାହାଣୀଙ୍କ ଧାନ ବିଲରେ ପଶିଥିଲା। ପରେ ଲୋକଙ୍କୁ ଦେଖି ଦୌଡ଼ି ପଳାଇଯିବା ପାଇଁ ଉଦ୍ୟମ କରୁଥିବା ବେଳେ ଗୋରୁଙ୍କ ପାଇଁ ବିଲ ଚାରିପଟେ ଘେରାଯାଇଥିବା ଜାଲରେ ଛନ୍ଦି ହୋଇଯାଇଥିଲା। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ବନବିଭାଗକୁ ଖବର ଦେଇଥିଲେ। ପରେ ସରପଞ୍ଚ ରୀନାରାଣୀ ହାତୀଙ୍କ ଉପସ୍ଥିତିରେ ହରିଣକୁ ଉଦ୍ଧାର କରାଯାଇଛି। ଖଇରା ପ୍ରାଣୀ ଚିକିତ୍ସାକେନ୍ଦ୍ରରେ ବିଡ଼ିଓ ପର୍ଶୁରାମ ପଣ୍ଡାଙ୍କ ଉପସ୍ଥିତିରେ ପ୍ରାଥମିକ ଚିକିତ୍ସା କରାଯାଇ ଏହା ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାଯିବା ପରେ କୁଳଡ଼ିହାରେ ଛଡାଯାଇଥିବା ସୋର ୱାଇଲ୍ଡ ଲାଇଫ ରେଞ୍ଜ ଅଫିସର ବବିତା ସରେନ ସୂଚନା ଦେଇଛନ୍ତି। ହଦଗଡ଼ ଓ କୁଳଡ଼ିହାରେ ଯଥେଷ୍ଟ ହରିଣ ଥିବାରୁ ଖାଦ୍ୟ ଅନ୍ୱେଷଣରେ ବାଟହୁଡ଼ି ଆସିଥାଇପାରେ ବୋଲି ରେଞ୍ଜ ଅଫିସର ସୂଚନା ଦେଇଛନ୍ତି।

### ମହିଳାଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

ରୂପସା, ୧।୪(ଡି.ଏନ.ଏ.): ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ସାହାଡ଼ା ଗ୍ରାମରେ ଶୁକ୍ରବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତ ମହିଳା ହେଲେ ସବିତା ଚକ୍ରବର୍ତ୍ତୀ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସିଂଲା ଥାନା ସାର୍ଥା ଗ୍ରାମର ରବୀନ୍ଦ୍ର ଦଳାଇଙ୍କ ଝିଅ ସବିତାଙ୍କୁ ସାହାଡ଼ା ଗ୍ରାମର ବୁଲା ଚକ୍ରବର୍ତ୍ତୀ ବିବାହ କରିଥିଲେ। ବିବାହ ପରଠାରୁ ସବିତାଙ୍କୁ ଶାଶୁ ଘର ଲୋକେ ଅଧିକ ଯୌତୁକ ଦାବି କରି ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇ ଆସୁଥିବା ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ଗୁରୁବାର ଶୋଇବା ଘର ଭିତରୁ ସବିତାଙ୍କ ଝୁଲନ୍ତା ମୃତଦେହ ଦେଖି ତାଙ୍କ ସ୍ୱାମୀ ବାପ ଘର ଲୋକଙ୍କୁ ଝିଅ ଆତ୍ମହତ୍ୟା କରିଥିବା ଖବର ଦେଇଥିଲେ। ଏହାପରେ ସେ ମୃତଦେହକୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ମୃତ ସବିତାଙ୍କ ପରିବାର ଲୋକେ ଝିଅକୁ ହତ୍ୟା କରାଯାଇଥିବା ନେଇ ସିଂଲା ଥାନାରେ ଲିଖିତ ଅଭିଯୋଗ କରିବା ସହ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ସିଂଲା ପୋଲିସ ତଦନ୍ତ କରୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡିବ ବୋଲି ଥାନାଧିକାରୀ କହିଛନ୍ତି।

### ପିଆଶାଳ କାଠ ଜବତ

କେନ୍ଦୁଝର,୧।୪(ସ୍ୱ.ପ୍ର.): ଭୂୟାଁ ଓ ଜୁଆଙ୍ଗ ପୀଢ ରେଞ୍ଜ ବନ କର୍ମଚାରୀମାନେ ଶୁକ୍ରବାର ଶୁଆକାଟି ଫରେଷ୍ଟ ସେକ୍ସନ ଅଧୀନ ନୟାକୋଟ ସେକ୍ସନର ମୁରୁସୁଆଁ ଗ୍ରାମରେ ଚଢ଼ାଉ କରି ଜଣଙ୍କ ଘରୁ ୨୫ ଖଣ୍ଡ ପିଆଶାଳ କାଠଜବତ କରିଛନ୍ତି। ଏହାର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି। ଜବତ କାଠକୁ ବନ କାର୍ଯ୍ୟାଳୟକୁ ଅଣାଯାଇଥିବା ବେଳେ ଏନେଇ ତଦନ୍ତ ଜାରି ରହିଥିବା ରେଞ୍ଜ ଅଧିକାରୀ ମାନସ ମୁର୍ମୁ ସୂଚନା ଦେଇଛନ୍ତି।

### ବର୍ଜ୍ୟବସ୍ତୁ ପୁନଃଚକ୍ରଣ କେନ୍ଦ୍ର ପରିଦର୍ଶନ କଲେ ଏନ୍‌ସିସି କ୍ୟାଡେଟ

କେନ୍ଦୁଝର, ୧।୪ (ସ୍ୱ.ପ୍ର.): ପୁନିତ ସାଗର ଅଭିଯାନ ସପ୍ତାହ ପାଳନ ଅବସରରେ ଶୁକ୍ରବାର ୧୪ ଓଡ଼ିଶା ବାଟାଲିଅନର ଏନ୍‌ସିସି କ୍ୟାଡେଟ୍‌ମାନେ ବ୍ରାହ୍ମଣୀଗାଁ ନିକଟ ବର୍ଜ୍ୟବସ୍ତୁ ପୁନଃଚକ୍ରଣ କେନ୍ଦ୍ର ପରିଦର୍ଶନ କରିଛନ୍ତି। ବର୍ଜ୍ୟବସ୍ତୁକୁ କିଭଳି ଜୈବ ଓ ଅଜୈବ ପଦାର୍ଥକୁ ଅଲଗା କରାଯାଇ ଜୈବିକ ଖତ ପ୍ରସ୍ତୁତ ହେଉଛି ଏବଂ ବର୍ଜ୍ୟବସ୍ତୁ ପରିଚାଳନା ଆଦି ଅନୁଧ୍ୟାନ କରିଥିଲେ। କମାଣ୍ଡିଂ ଅଫିସର ଏମ୍ ଚନ୍ଦ୍ରଶେଖର ରାଓଙ୍କ ନିର୍ଦ୍ଦେଶକ୍ରମେ ସୁବେଦାର ନାଦେର ଚାନ୍ଦ ଘୋଷ, ହାବିଲଦାର ରମାକାନ୍ତ ନାଏକ, ଏନ୍‌ସିସି ଅଫିସର ସୁରେନ୍ଦ୍ର କୁମାର ପଇଡା, ବିଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଏନ୍‌ଏସ୍ ପୋଲିସ ହାଇସ୍କୁଲ ଓ ଡିଏନ୍ ହାଇସ୍କୁଲର ୬୦ଜଣ କ୍ୟାଡେଟ ଏଥିରେ ସାମିଲ ଥିଲେ। କେନ୍ଦ୍ରର ଇନ୍‌ଚାର୍ଜ ବୀଣା ହେମ୍ବ୍ରମ ସେମାନଙ୍କୁ କିପରି ବର୍ଜ୍ୟବସ୍ତୁରୁ ଜୈବିକ ସାର ପ୍ରସ୍ତୁତ ହେଉଛି ଏବଂ କାମରେ ଲାଗୁଛି ସେସବୁ ବୁଝାଇଥିଲେ।

# ଅସ୍ଥାୟୀ ପୋଲରେ ବାଲି ଚାଲାଣ

- ଏନ୍‌ଜିଟି ଛାଟ ପରେ ବି ପଶୁନି ଚେତା
- ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିଧାୟକ

ବାରିପଦା ଅଫିସ,୧।୪

ମୟୂରଭଞ୍ଜ ଜିଲାରେ ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ ଓ ନିୟମ ଉଲ୍ଲଂଘନକୁ ନେଇ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଛି। ଏହା ସତ୍ତ୍ୱେ ଜିଲା ପ୍ରଶାସନର ଚେତା ପଶୁନି। ବେଆଇନ ପୋଲ ନିର୍ମାଣ କରି ବାଲି ଚାଲାଣ କରାଯାଉଛି। ପ୍ରଶାସନ ବାଲି ସଇରାତକୁ ସିଲ୍ କରିବା ପରିବର୍ତ୍ତେ ନୀରବ ରହୁଥିବା ଅଭିଯୋଗ ହୋଇଛି। ଏପରି ଘଟଣା ଦେଖିବାକୁ ମିଳିଛି ବଡ଼ସାହି ତହସିଲ ଅଧୀନ ଆରପଟା ବାଲି ସଇରାତ କ୍ଷେତ୍ରରେ। ଏ ସଂକ୍ରାନ୍ତରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଶୁକ୍ରବାର ବିଧାନସଭାର ଶୂନ୍ୟକାଳରେ ପ୍ରଶ୍ନ ଉଠାଇ ଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ବୁଢାବଳଙ୍ଗ ନଦୀର ଦୁଇଟି ବାଲି ସଇରାତରୁ ଲଘୁ ଖଣିଜ ଉତ୍ତୋଳନ ଓ ପରିବହନ କ୍ଷେତ୍ରରେ ଶହେ କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହାକୁ ନେଇ ଏନ୍‌ଜିଟି ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ପ୍ରଶାସନିକ ଅଧିକାରୀଙ୍କଠାରୁ ଏକ ମାସ ମଧ୍ୟରେ ଜବାବ ତଲବ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ଆଦେଶ ଅନୁଯାୟୀ ଆସନ୍ତା ୬ତାରିଖରେ ଏକ ୪ଜଣିଆ ବିଶେଷଜ୍ଞ କମିଟି ତଦନ୍ତ କରିବାକୁ ଆସୁଥିବା ବେଳେ ଉଭୟ ସଇରାତରୁ ପରିବହନ ବନ୍ଦ ରହିଛି। ତେବେ ଅସାଧୁ ବାଲି ମାଫିଆମାନେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ଆରପଟା ସଇରାତର ଅସ୍ଥାୟୀ ପୋଲ ଦେଇ ବାଲି ଚୋରା ଚାଲାଣ କରୁଛନ୍ତି। ଉକ୍ତ ପୋଲକୁ ଉଦ୍ଦେଶ୍ୟ ମୂଳକ ଭାବେ ଭଙ୍ଗା ନ ଯାଇ ଅଧିକାରୀମାନେ ଲୁଟରେ ସାମିଲ ହୋଇଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି। ତେବେ ଉକ୍ତ ଘାଟରୁ ପ୍ରତିଦିନ ୧୦ ସିୟୁଏମ୍ ବାଲି ଉତ୍ତୋଳନ ପାଇଁ ନିମନ୍ତେ ୩୧ମାର୍ଚ୍ଚ ୨୦୨୧ପର୍ଯ୍ୟନ୍ତ ପରିବେଶ ମଞ୍ଜୁରୀ ପ୍ରଦାନ କରାଯାଇଛି। ଅବଧି ଶେଷ ହେବା ପରେ ମଧ୍ୟ ଏହାକୁ ବିସ୍ତାର କରା ନ ଯାଇ ବାଲି ଖନନ ଜାରି ରହିଥିବାରୁ ବାର୍ଷିକ ୨୨ଶହ ସିୟୁଏମ୍ ପରିବର୍ତ୍ତେ ୬.୨୩ଲକ୍ଷ ସିୟୁଏମ୍ ବାଲି ଉତ୍ତୋଳନ କରାଯାଇଛି ବୋଲି ଅଭିଯୋଗ ହୋଇଛି। ତେବେ ଅନୁମତି ସୀମାର ୨୪୦ଗୁଣ ବାଲି ଉତ୍ତୋଳନ କରାଯାଇଥିବାରୁ ବାର୍ଷିକ ୫୩.୨୬କୋଟି ଟଙ୍କାର ରାଜସ୍ୱ ହାନି ହୋଇଥିବା ଜଣାପଡ଼ିଛି। ଏହାକୁ ନେଇ ତଦନ୍ତ ଆରମ୍ଭ ହେବାକୁ ଥିବା ବେଳେ ଅଧିକାରୀଙ୍କଠାରୁ ଆରମ୍ଭ କରି ଲିଜ୍‌ଧାରୀ ଓ ସହଯୋଗୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଅଧିକାରୀମାନେ ନିଜକୁ ବଞ୍ଚାଇବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତେବେ ଏହାକୁ ନେଇ ଅଧିକାରୀମାନେ ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି।



ଆରପଟା ସଇରାତରେ ଥିବା ଅସ୍ଥାୟୀ ପୋଲ।

# ମନ ମୋହିଲା ପାରମ୍ପରିକ ନୃତ୍ୟ



ପାଣିଗରା ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇଥିବା ମହିଳା ପ୍ରତିଯୋଗୀ।

ବିଶୋଇ,୧।୪(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ବିଶୋଇ ମନ୍ଦିର ସାହି କମିଟି ଆନୁକୂଲ୍ୟରେ ସ୍ଥାନୀୟ ମନ୍ଦିର ପଡ଼ିଆଠାରେ ନୃତ୍ୟ, ଗୀତ,କ୍ରୀଡ଼ା କୌତୁକ ଓ ଏକାଙ୍କିକାର ବିରାଟ ମହୋତ୍ସବ ଷଷ୍ଠ ବାର୍ଷିକ ନିଉ ବସନ୍ତ ଉତ୍ସବ-୨୦୨୨ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ କମିଟି ଦ୍ୱାରା ଅଜାଙ୍କ ଦୌଡ଼, ମହିଳାମାନଙ୍କ ଭରା ମାଠିଆ ଦୌଡ଼, ସ୍ୱାମୀ ସ୍ତ୍ରୀ ଦୌଡ଼ ପ୍ରତିଯୋଗିତା ବେଶ ଚିତ୍ତାକର୍ଷକ ହୋଇଥିଲା। ସେହିପରି ସନ୍ଧ୍ୟା ସମୟରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଆଦିବାସୀ ପାରମ୍ପରିକ ନୃତ୍ୟ ଦଳ ପ୍ରତିଯୋଗିତାରେ ଭାଗନେଇ ନୃତ୍ୟ ପରିବେଷଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଏମ୍‌ପି ରାମଚନ୍ଦ୍ର ହାଁସଦା ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ୩୪ନଂ. ଜୋନ ଜିଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ଏନ.ବି ପୋଖରିଆ ସରପଞ୍ଚ ଡମାନ ମୁର୍ମୁ, ଖଡ଼ମବେଡା ସରପଞ୍ଚ ସମବାରି ସିଂ, ଯୋଡ଼ିଆ ପଞ୍ଚାୟତ ସମିତି ସଦସ୍ୟ ଚାନ୍ଦ୍ରାୟ ସୋରେନ, ବିଶୋଇ ନାଏବ ସରପଞ୍ଚ ଏତୱାରୀ ଟାମୁ, ବିବେକାନନ୍ଦ ଦାସ, ୱାର୍ଡସଭ୍ୟା ଦୀପ୍ତିମୟୀ ରାଜ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କମିଟିର ସଭାପତି କାଶୁ ମାଝୀ, ଉପସଭାପତି ଅମଲେଶ ସି, ସମ୍ପାଦକ ନିଲେଶ ରାମ, ସହ ସମ୍ପାଦକ କିସାନ ମୁର୍ମୁ, କୋଷାଧ୍ୟକ୍ଷ ଦେବାଶିଷ ମହାନ୍ତଙ୍କ ତତ୍ତ୍ୱାବଧାନରେ କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଏସ୍‌ଆଇ ଶିବପ୍ରସାଦ ସମ୍ବର୍ଦ୍ଧିତ

ପାଟଣା,୧।୪ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ମୁଖ୍ୟାଳୟ ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଶୁକ୍ରବାର ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ପାଟଣା ଥାନା ଅଧୀନ ସାହାରପଡ଼ା ଫାଣ୍ଡି ଅଧିକାରୀ ଏସ୍‌ଆଇ ଶିବପ୍ରସାଦ ଆଇଚଙ୍କୁ ଚଳିତବର୍ଷ ଜିଲାର ଶ୍ରେଷ୍ଠ ଏସ୍‌ଆଇ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସହକାରୀ ଆରକ୍ଷୀ ଅଧୀକ୍ଷକ ସୁରେଶ କୁମାର ନାଏକ, ସୁଦାମ ଚରଣ ସାହୁ, ବିରଞ୍ଚି ପ୍ରସାଦ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ଏସ୍‌ଆଇ ଶିବପ୍ରସାଦ ବହୁ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସାହାରପଡ଼ାର ଉପାନ୍ତ ଅଞ୍ଚଳରେ ଆଇନଶୃଙ୍ଖଳା ବଜାୟ ରଖିବାରେ ସଫଳ ହୋଇ ଚର୍ଚ୍ଚିତ ହୋଇଥିଲେ। ତାଙ୍କର ଏଭଳି ସଫଳତା ପାଇଁ ବିଧାୟକ ଜଗନ୍ନାଥ ନାଏକ, ଘଟଗାଁ ଏସ୍‌ଡିପିଓ ଆଶୀତ ରଞ୍ଜନ ମହାନ୍ତି, ପାଟଣା ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ହାବିଲଦାର ବିଶ୍ୱକେଶନ ସମ୍ମାନିତ

ଭଣ୍ଡାରିପୋଖରୀ, ୧।୪(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନାରେ କାର୍ଯ୍ୟରତ ହାବିଲଦାର ବିଶ୍ୱକେଶନ ପରିଡ଼ାଙ୍କୁ ଉତ୍କୃଷ୍ଟ ସେବା ପାଇଁ ସମ୍ମାନିତ କରାଯାଇଛି। ପୋଲିସ ପ୍ରତିଷ୍ଠା ଏବଂ ଓଡ଼ିଶା ଦିବସ ପାଳନ ଅବସରରେ ଭଦ୍ରକ ଚରମ୍ପା ସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ଅନୁଷ୍ଠିତ ଉତ୍ସବରେ ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯତୀନ ପଣ୍ଡା ତାଙ୍କୁ ସମ୍ମାନିତ କରିଛନ୍ତି। ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ମହେଶ୍ୱର ପ୍ରଧାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି। ପ୍ରକାଶ ଥାଉକି, ଜିଲାର ବିଭିନ୍ନ ଥାନାରେ କାର୍ଯ୍ୟରତ ୬ ପୋଲିସ କର୍ମଚାରୀଙ୍କୁ ଆରକ୍ଷୀ ଅଧୀକ୍ଷକ ସମ୍ମାନିତ କରିଛନ୍ତି।

# ଅଠରଦେଉଳର ସୁରକ୍ଷା ନେଇ ବୈଠକ

ଉଦଳା,୧।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଶିମିଳିପାଳ ମଧ୍ୟରେ ଥିବା ବାଥୁଡ଼ି ସାଂସ୍କୃତିକ ସମାଜର ଇଷ୍ଟଦେବ ଅଠରଦେଉଳର ସୁରକ୍ଷା ଏବଂ ବାର୍ଷିକ ପୂଜା ନିମନ୍ତେ ଏକ ଆଲୋଚନାଚକ୍ର ସ୍ଥାନୀୟ କାଳଡ୍ୟାମ୍‌ଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ବାର୍ଷିକ ପୂଜା ଉତ୍ସବରେ ବାଥୁଡ଼ି ସମାଜ ପକ୍ଷରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଏହି ମନ୍ଦିରକୁ ଯାଇଥାନ୍ତି। ଏଣୁ ଯାତ୍ରୀମାନଙ୍କର ସୁରକ୍ଷା, ଶାନ୍ତିଶୃଙ୍ଖଳା ରକ୍ଷା କରିବା ତଥା ଦିଅଁ ଦର୍ଶନ କରି ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବୈଠକରେ ଅଖିଳ ଚନ୍ଦ୍ର ନାଏକ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେଉଳର ମୁଖ୍ୟ ପୂଜକ ଚିତ୍ତରଞ୍ଜନ ମହାପାତ୍ର, ଦେହୁରୀ ପ୍ରଫୁଲ୍ଲ ଚନ୍ଦ୍ର ନାଏକ, ଦିବାକର ପଢିଆଳ, ଉଦଳା ଶାଖାର ସମ୍ପାଦକ ସୂର୍ଯ୍ୟମଣି ଡାକୁଆ, କମିଟିର କେନ୍ଦ୍ରୀୟ ପୂର୍ବତନ ସାଧାରଣ ସମ୍ପାଦକ ଯୋଗେଶ୍ୱର ଦଳେଇ, ରମେଶ ଚନ୍ଦ୍ର ପାତ୍ର ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । କେନ୍ଦୁଝର, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲାର ବାଥୁଡ଼ି ସମାଜର ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

### ସେରଗଡ଼ ଛକର ସମସ୍ୟା ତଦାରଖ କଲେ ଅଧିକାରୀ

ରେମୁଣା, ୧।୪(ଡି.ଏନ.ଏ.)

୧୬ ନମ୍ବର ଜାତୀୟ ରାଜପଥର ଖନ୍ତାପଡ଼ା ଥାନା ଅଧୀନ ସେରଗଡ଼ ଛକଠାରୁ ଲେମ୍ବୁନଈ ପୋଲ ମଧ୍ୟରେ ବର୍ଷା ଜଳ ନିଷ୍କାସନ ସମସ୍ୟା, ବରୁଣସିଂ ଛକଠାରେ ଗଳାପୋଲ ନିର୍ମାଣ, ନିର୍ମାଣାଧୀନ ରାସ୍ତା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ଶୁକ୍ରବାର ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ, ସେରଗଡ଼ ଉନ୍ନୟନ କମିଟି, ସେରଗଡ଼ ବ୍ୟବସାୟୀ ସଂଘ ପ୍ରତିନିଧିମାନଙ୍କ ମଧ୍ୟରେ ଆଲୋଚନା ହୋଇଛି। ବର୍ଷାଜଳ ନିଷ୍କାସନ ପାଇଁ ସର୍ଭିସରୋଡ଼ ପାର୍ଶ୍ୱରେ ନୟନଯୋରୀରେ ଡ୍ରେନ ନିର୍ମାଣ, ଜାତୀୟ ରାଜପଥର ନୟନଯୋରିକୁ ଅବରୋଧମୁକ୍ତ କରିବା, ବରୁଣସିଂ ଦିଗକୁ ଯାତାୟାତ ପାଇଁ ଗଳାପୋଲ ନିର୍ମାଣ ବାବଦରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଆଲୋଚନାରେ ୧୬ ନଂ. ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକ, ଠିକାଦାର ସଂସ୍ଥା ବ୍ରିଜ ଗୋପାଲ କନ୍‌ଷ୍ଟ୍ରକ୍ସନ, ସେରଗଡ଼ ସରପଞ୍ଚ ଦୟାନିଧି ମହାପାତ୍ର, ବଜାର କମିଟି ସଭାପତି କାର୍ତ୍ତିକ ଦାଶ, ସାମାଜିକ କର୍ମୀ ଦିବାକର ପଣ୍ଡା, ହାଡ଼ିବନ୍ଧୁ ପାତ୍ର, ରାଜାକ ଖାଁ, ସରୋଜ ରାଉତରାୟ, ଦୀନବନ୍ଧୁ ଜେନା, ଶଶୀଧର ପତି, କମଳାକାନ୍ତ ବିନ୍ଧାଣୀ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ରାଉତ, ସେରଗଡ଼ ପଞ୍ଚାୟତ ବିଭିନ୍ନ ୱାର୍ଡ଼ର ୱାର୍ଡ଼ସଭ୍ୟଙ୍କ ସମେତ ବରୁଣସିଂ ଗଳାପୋଲ କ୍ରିୟାନୁଷ୍ଠାନ କମିଟି ଆବାହକ ରବୀନ୍ଦ୍ର ମହାକୁଡ଼, ସେରଗଡ଼ ଉନ୍ନୟନ କମିଟି ଆବାହକ ରବି ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



# ହଷ୍ଟେଲ ଖାଦ୍ୟ ଖାଇ ୫ ଛାତ୍ରୀଛାତ୍ର ଅସୁସ୍ଥ

ସଜନାଗଡ଼, ୧।୪(ଡି.ଏନ.ଏ.)

ନୀଳଗିରିଠାରେ ଥିବା ଏକ ହଷ୍ଟେଲରେ ଖାଦ୍ୟ ଖାଇ ଗୁରୁବାର ରାତିରେ ୫ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ସମସ୍ତଙ୍କୁ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଛି। ଉକ୍ତ ହଷ୍ଟେଲରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ରହି ପାଠ ପଢୁଛନ୍ତି। ଗୁରୁବାର ରାତିରେ ସେମାନେ ଭାତ, ସୋୟାବିନ ବଡି ତରକାରୀ ଓ ସାଲାଡ୍ ଖାଇଥିଲେ। ୫ରୁ ଅଧିକ ଛାତ୍ରୀଛାତ୍ର ଖାଦ୍ୟ ଖାଇ ଶୋଇବା ପରେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ଅନ୍ୟପକ୍ଷେ ହଷ୍ଟେଲରେ ରୋଷେଇ ହୋଇଥିବା ସୋୟାବିନ ବଡ଼ି ପ୍ୟାକେଟର ଏକ୍ସପାଏରୀ ଗତ ୫।୧୨।୧୩ରୁ ସରିଯାଇଥିବା ଦେଖିବାକୁ ମିଳିଛି। ଅତ୍ୟଧିକ ଗରମ, ଗୁଳୁଗୁଳି ପାଇଁ ଏମିତି ହୋଇଛି ବୋଲି ହଷ୍ଟେଲ ପକ୍ଷରୁ କୁହାଯାଇଛି।

# ୧୧୨ ପରିବାରକୁ ଦିଆଯାଇଛି ଶହେଦିନର କାମ

## ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ବାସୁଦେବପୁର, ୧।୪ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କନ୍‌ଫରେନ୍ସ ଗୃହରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା), ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ସମନ୍ୱିତ ଶିଶୁ ବିକାଶ ଯୋଜନା, ମମତା ଯୋଜନା ସମ୍ବନ୍ଧୀୟ ୨୦୨୧-୨୨ ଆର୍ଥିକ ବର୍ଷ ସାମାଜିକ ସମୀକ୍ଷା ଅବଧି ୨୦୨୦ ଏପ୍ରିଲ ୧ ଠାରୁ ୨୦୨୧ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଉପାଧ୍ୟକ୍ଷା ମାଧୁରୀ ବାରିକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କୁଶଳ ନାୟକ, ସହକାରୀ ଯନ୍ତ୍ରୀ ଅବିନାଶ ସୁବୁଦ୍ଧିରାୟ, ବିଡିଓ ସତ୍ୟଜିତ ରାଉତ, ଜିଲା ସାମାଜିକ ଅଧିକାରୀ ଅମର କିଶୋର ସାହୁ, ବ୍ଲକ ସାମାଜିକ ଅଧିକାରୀ ଦେବଦତ୍ତ ଜେନା, ଏପିଇଓ ଅନୀତା ପତି ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଗୁରୁତ୍ୱ ସମ୍ପର୍କରେ ମତ ରଖି ଠିକ୍ ରୂପାୟନ ଦିଗରେ ଲୋକପ୍ରତିନିଧିମାନେ ଅଧିକ ସଚେତନ ହେବାକୁ ସେମାନେ ପରାମର୍ଶ ଦେଇଥିଲେ।

ବ୍ଲକରେ ମୋଟ ୧୪,୪୪୦ଟି ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ଧାର୍ଯ୍ୟ ସମୟରେ ୧୪,୧୦୭ଟି ଶେଷ କରାଯାଇଛି। ଏହି ଯୋଜନାରେ ୬୯,୧୪୯ ପରିବାର କାମ ପାଇଁ ନାମ ପଞ୍ଜୀକୃତ କରିଥିଲେ। ସେଥିମଧ୍ୟରୁ ୬୧୦୭୧ ପରିବାରକୁ ଜବ୍‌କାର୍ଡ ପ୍ରଦାନ କରାଯାଇଥିଲା। ୨୭,୨୪୮ ପରିବାର କାର୍ଯ୍ୟ ମାଗିଥିବା ବେଳେ ୧୫,୯୩୫ ପରିବାରକୁ କାମ ଯୋଗାଇ ଦିଆଯାଇଛି। ମୋଟ ୫,୫୮,୯୩୪ କାର୍ଯ୍ୟ ଦିବସ ସୃଷ୍ଟି କରାଯାଇଥିଲା। ୧୧୨ ପରିବାରକୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଥିବା ଶିବିରରେ ତଥ୍ୟ ରଖାଯାଇଥିଲା। ଏହି ଅବସରରେ ନବନିର୍ବାଚିତ ଅଧ୍ୟକ୍ଷ ବିଶ୍ୱାଳ, ଉପାଧ୍ୟକ୍ଷା ବାରିକ ପ୍ରମୁଖଙ୍କୁ ସ୍ୱାଗତ କରାଯାଇଥିଲା।

# ପ୍ରାଣୀ ଚିକିତ୍ସା ସାଙ୍ଗକୁ ଘାସଚାଷ

## ଉଦାହରଣ ସାଜିଛନ୍ତି ପ୍ରାଣୀ ନିରୀକ୍ଷକ ପ୍ରିୟବ୍ରତ ରାଉତ



ପ୍ରାଣୀ ନିରୀକ୍ଷକ ପ୍ରିୟବ୍ରତ ରାଉତ ଗୋଶାଳାକୁ ଗାଡ଼ିରେ ଘାସ ପଠାଉଛନ୍ତି।

ବନ୍ତ,୧।୪(ସ୍ୱ.ପ୍ର.)

ପ୍ରାଣୀ ଚିକିତ୍ସା ସାଙ୍ଗକୁ ଘାସ ଚାଷ କରୁଛନ୍ତି। ସାମାଜିକ ସେବା ସହ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ଅବିରତ ସେବା ଯୋଗାଇ ଆସୁଛନ୍ତି। ଏବେ ନିଜ ବାଡ଼ିରେ ଘାସ ଚାଷ କରି ଉଦାହରଣ ସାଜିଛନ୍ତି ଭଦ୍ରକ ଜିଲା ବନ୍ତ ବ୍ଲକ ଓଡ଼ଙ୍ଗ ପ୍ରାଣୀ ଚିକିତ୍ସାକେନ୍ଦ୍ରର ନିରୀକ୍ଷକ ପ୍ରିୟବ୍ରତ ରାଉତ। ବର୍ଷେ ହେଲା ନିଜ ବାଡ଼ିରେ ପାରା ପ୍ରଜାତିର ଘାସ ଚାଷ କରୁଛନ୍ତି। ଏହାଦ୍ୱାରା ନିଜ ଗାଈଙ୍କ ଖାଦ୍ୟାଭାବ ମେଣ୍ଟାଇବା ସହ ବଳକା ଘାସକୁ ଭଦ୍ରକ ଗୋଶାଳାକୁ ପଠାଉଛନ୍ତି। ଗୋଶାଳାରେ ରହୁଥିବା ଗୋରୁମାନଙ୍କୁ ଘାସ ଯୋଗାଇ ଆତ୍ମସନ୍ତୋଷ ମିଳୁଥିବା କହନ୍ତି ପ୍ରିୟବ୍ରତ। ଏବେ ଗ୍ରାମାଞ୍ଚଳରେ ଚାରଣ ଭୂମି ଅଭାବ ଥିବାରୁ ଗୋପାଳକମାନେ ନିଜ ଜମିରେ ଘାସ ଚାଷ କଲେ ବଜାରରୁ ଗୋଖାଦ୍ୟର ଅଭାବ ପୂରଣ ହୋଇପାରନ୍ତା। ବଜାରରେ ବିକ୍ରି ହେଉଥିବା ଗୋଖାଦ୍ୟଠାରୁ ଚାଷ ହେଉଥିବା ଘାସ ଗାଈକୁ ଖାଇବାକୁ ଦେଲେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ହୋଇପାରନ୍ତା ବୋଲି ସେ କହିଛନ୍ତି।

# କଂକ୍ରିଟ ରାସ୍ତା ଫାଟି ଆଁ

- ସରିନି ଗ୍ୟାରେଣ୍ଟି ଅବଧି
- ଅଭିଯୋଗ କଲେ ମଧ ଫଳ ଶୂନ

ବାଲେଶ୍ୱର ଅଫିସ, ୧।୪

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ୬୦ନଂ. ଜାତୀୟ ରାଜପଥଠାରୁ ମଧୁପୁରା ପର୍ଯ୍ୟନ୍ତ ୨୦୧୬ରୁ ସମ୍ପୂର୍ଣ୍ଣ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଶୋଚନୀୟ ହୋଇପଡ଼ିଛି। ଉକ୍ତ ରାସ୍ତାର ଗ୍ୟାରେଣ୍ଟି ଅବଧି ଶେଷ ହୋଇ ନ ଥିଲେ ମଧ ଦୁରାବସ୍ଥା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ବାଲେଶ୍ୱର ଜିଲାର ଚଷାଖଣ୍ଡ ଓ ଓଡ଼ଙ୍ଗୀ ପଞ୍ଚାୟତ ସମେତ ମୟୂରଭଞ୍ଜ ଜିଲାର କୁରୁଣିଆ, ଯାଆଁରଶୁଳ ପଞ୍ଚାୟତର ହଜାର ହଜାର ଲୋକ ଉକ୍ତ ରାସ୍ତା ଦେଇ ଯା'ଆସ କରିଥାନ୍ତି। ଉକ୍ତ ରାସ୍ତା ନିର୍ମାଣ ନିମ୍ନମାନର ହୋଇଥିବାରୁ ମାତ୍ର କେତେବର୍ଷ ଭିତରେ ବିଭିନ୍ନ ସ୍ଥାନରେ ଖାଲଢ଼ିପ ସୃଷ୍ଟି ହୋଇଛି। ସ୍ଥାନେ ସ୍ଥାନେ ପିଚୁ ଉଠିଯାଇ ଗେଟି ଦେଖାଯାଉଛି। କଂକ୍ରିଟ୍ ରାସ୍ତା ଫାଟି ଆଁ ହୋଇଗଲାଣି। ଲୋକମାନେ ଯା'ଆସରେ ବିଭିନ୍ନ ସମସ୍ୟା ଦେଖାଦେଇଥିବା ବେଳେ ଛୋଟବଡ଼ ଦୁର୍ଘଟଣାରେ ଶୀକାର ହେଉଛନ୍ତି। ରାସ୍ତା ମରାମତି ପାଇଁ ଚୁକ୍ତି ହୋଇଥିବା ଅବଧି ପୂରଣ ପୂର୍ବରୁ ରାସ୍ତା ପରିସ୍ଥିତି ଶୋଚନୀୟ ହୋଇପଡିଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତାର ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୦ଲକ୍ଷ ଟଙ୍କା ଦିଆଯାଇ ମରାମତି କରାଯାଇଥିଲା। ଏବେ ପୂର୍ବଭଳି ଅବସ୍ଥା ଲାଗି ରହିଛି।

ଉଲ୍ଲେଖଯୋଗ୍ୟ, ୬୦ନଂ. ଜାତୀୟ ରାଜପଥ ନିକଟସ୍ଥ ଚଷାଖଣ୍ଡ ପଞ୍ଚାୟତ ଅଧୀନ ମଧୁପୁରା ଗ୍ରାମର ୫କି.ମି. ୬୦୦ମିଟର ରାସ୍ତା ପାଇଁ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଟ.୨,୭୧,୫୮୦୫୬.୫୮ ଅଟକଳରେ ରାସ୍ତା ନିର୍ମାଣ ହୋଇଥିଲା। ଗତ ୨୦୧୫ ଜାନୁୟାରୀ ୧୪ ତାରିଖରୁ କାର୍ଯ୍ୟ ଆରମ୍ଭ ହୋଇ ୨୦୧୬ ଜାନୁୟାରୀ ୧୩ରେ ଶେଷ ହୋଇଥିଲା। ଠିକାଦାରଙ୍କ ଦ୍ୱାରା ୫ବର୍ଷ ପାଇଁ ଉକ୍ତ ରାସ୍ତାର ଗ୍ୟାରେଣ୍ଟି ଅବଧି ଥିଲା। ଯାହା ଗତ ୨୦୨୧ ଜାନୁୟାରୀ ୧୨ତାରିଖରେ ଶେଷ ହୋଇଛି। ନିମ୍ନମାନର ରାସ୍ତା ନିର୍ମାଣ ହୋଇଥିବାରୁ ୨/୩ ବର୍ଷ ପୂର୍ବରୁ ଉକ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇ ଖାଲଖମାରେ ପରିପୂର୍ଣ୍ଣ ହୋଇଛି। ବିଭାଗୀୟ ଅଧିକାରୀ କାମଚଳା କାର୍ଯ୍ୟ କରି ପୂର୍ବ ଅବସ୍ଥାରେ ରାସ୍ତାକୁ ଛାଡ଼ି ଦେଇଥିବା ଅଭିଯୋଗ ହେଉଛି। ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଜିଲାପାଳଙ୍କ ଦୃଷ୍ଟି ଦେବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି।ଏନେଇ ବିଭାଗ ତରଫରୁ କାର୍ଯ୍ୟ ସମ୍ପାଦନା କରୁଥିବା ତତ୍କାଳୀନ ରେମୁଣାର ବିଭାଗୀୟ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ମିଶ୍ର କହିଛନ୍ତି, ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ବିଧିବଦ୍ଧ ଭାବେ ଏବଂ ଠିକ୍ ସମୟରେ ସମ୍ପନ୍ନ ହୋଇଛି। ବନ୍ୟା ଓ ବାତ୍ୟା ଯୋଗୁ ଉକ୍ତ ରାସ୍ତାର କେତେକ ସ୍ଥାନରେ ଖାଲଢ଼ିପ ସୃଷ୍ଟି ହୋଇଥିଲା। ଏଫ୍‌ଡିଆର୍ ଫଣ୍ଡସ୍‌ରୁ ଟଙ୍କା ମଞ୍ଜୁର କରାଯାଇ ମରାମତି କାର୍ଯ୍ୟ ଟେଣ୍ଡର ମାଧ୍ୟମରେ ହୋଇଥିବା ପ୍ରକାଶ କରିଥିଲେ।




ଶୋଚନୀୟ ହୋଇପଡ଼ିଥିବା ମଧୁପୁରା ଗ୍ରାମରାସ୍ତା।

